# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**15 October – 2026**

****************************************

## ମୁଖ୍ୟ ସମ୍ବାଦ

- ଏସୀୟ କ୍ରୀଡ଼ାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ମାନଙ୍କ ସହ ଆଜି ସନ୍ଧ୍ୟାରେ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ
- ରାଜ୍ୟର ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରସଂସଦ ନିର୍ବାଚନ ପାଇଁ ଶେଷ ହେଲା ଭୋଟ୍ ଗ୍ରହଣ, ଅପରାହ୍ନରେ ପ୍ରକାଶ ପାଇବ ଫଳାଫଳ
- ନବରାତ୍ରୀର ପଞ୍ଚମ ଦିବସରେ ଆଜି ପୂଜା ପାଉଛନ୍ତି ଶାନ୍ତି, ସାହସ ଓ ସମୃଦ୍ଧିର ପ୍ରତୀକ ଦେବୀ ସ୍କନ୍ଦମାତା

ଏବଂ

- ଦେଶର ଅବଶିଷ୍ଟ ଅଞ୍ଚଳରୁ ପ୍ରତ୍ୟାବର୍ତ୍ତନ କଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ

## ପିଏମ୍-ଏସିଆନ୍ ଗେମ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଏସୀୟ କ୍ରୀଡ଼ା ୨୦୨୬ରେ ଅଂଶଗ୍ରହଣ କରିଥିବା ଭାରତୀୟ କ୍ରୀଡ଼ାବିତ୍ ମାନଙ୍କ ସହ ଭାବ ବିନିମୟ କରିବେ । ଜାପାନର ଆଇଚି-ନାଗୋୟାଠାରେ ଅନୁଷ୍ଠିତ

ଏସୀୟ କ୍ରୀଡ଼ାରେ ଭାରତ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି ବ୍ରୋଞ୍ଜ ପଦକ ସହ ମୋଟ୍ ୮୫ଟି ପଦକ ଜିତି ତାଲିକାର ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ଏସୀୟ କ୍ରୀଡ଼ାରେ ଶ୍ରେଷ୍ଠ ୫ଟି ଦେଶ ମଧ୍ୟରେ ଭାରତ କ୍ରମାଗତ ପାଇଁ ଦ୍ୱିତୀୟଥର ଏହି ସ୍ଥାନ ହାସଲ କରିଛି ।

## ୟୁପିଆଇ-ଏମ୍‌ଡିଆର୍ ପୋଷ୍ଟପଣ୍ଡ

ଉପଭୋକ୍ତାରୁ ବ୍ୟବସାୟୀ ୟୁପିଇ କାରବାର ଉପରେ ଆଜିଠାରୁ ଲାଗୁ ହେବାକୁ ଥିବା ବାଣିଜ୍ୟ ରିହାତି ଶୁଳ୍କ-ଏମ୍‌ଡିଆର୍ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ଭାରତୀୟ ଜାତୀୟ ଆର୍ଥିକ କାରବାର ନିଗମ-ଏନ୍‌ପିସିଆଇ ଏ ସମ୍ପର୍କରେ ସୂଚନା ପ୍ରଦାନ କରି କହିଛି ଦୀପାବଳି ପରେ ଏମ୍‌ଡିଆର୍‌ର କାର୍ଯ୍ୟକାରୀତା ହୋଇପାରେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ନିଗମ କହିଛି ୟୁପିଆଇ ଏବଂ ସେବା ପରିଚାଳନା କମିଟି ଏହି ନିଷ୍ପତ୍ତି ଗ୍ରହଣ କରିଛି । ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଦୀପାବଳି ପରେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏମ୍‌ଡିଆର୍ ଲାଗୁ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯିବ । ତେବେ ଏହା କାର୍ଯ୍ୟକାରୀ ହେବାକୁ ଥିବା ଦିବସ ସମ୍ପର୍କରେ ପରେ ଘୋଷଣା କରାଯିବ । ବ୍ୟକ୍ତିଗତ ସ୍ତରୀୟ ୟୁପିଆଇ କାରବାର ସମ୍ପୂର୍ଣ୍ଣ ନିଃଶୁଳ୍କ ରହିଥିବାବେଳେ ୨ହଜାର ଟଙ୍କାରୁ ଅଧିକ ବ୍ୟକ୍ତିରୁ ବ୍ୟବସାୟୀ କ୍ଷେତ୍ରରେ ୟୁପିଆଇ କାରବାର ପାଇଁ ଏମ୍‌ଡିଆର୍ ଲାଗୁ ହେବ ବୋଲି ନିଗମ କହିଛି । ତେବେ ଏଭଳି ନିଷ୍ପତ୍ତି ଦ୍ୱାରା ୯୬ ପ୍ରତିଶତ

ବ୍ୟକ୍ତିରୁ ବ୍ୟବସାୟୀ କାରବାର ପ୍ରଭାବିତ ହେବ ନାହିଁ ବୋଲି ନିଗମ ସ୍ପଷ୍ଟ କରିଛି ।

## ଛାତ୍ରସଂସଦ ନିର୍ବାଚନ

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆଜି ଛାତ୍ରସଂସଦ ନିର୍ବାଚନ ପାଇଁ ଭୋଟ୍‌ଗ୍ରହଣ ଶେଷ ହୋଇଛି । ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ ହେବା ପରେ ଭୋଟ୍‌ଗଣନା କରାଯାଇ ଫଳାଫଳ ଘୋଷଣା କରାଯିବ । ଆସନ୍ତାକାଲି ପୂର୍ବାହ୍ନରେ ନବନିର୍ବାଚିତ ପ୍ରତିନିଧିଙ୍କର ଶପଥଗ୍ରହଣ ଅନୁଷ୍ଠିତ ହେବ । ସୂଚନା ଅନୁଯାୟୀ ରାଜ୍ୟର ୩୨୮ଟି ମହାବିଦ୍ୟାଳୟ ଏବଂ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ପାଇଁ ୬ ହଜାରୁ ଅଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସନ୍ତାକାଲି ବିଜୟୀ ପ୍ରାର୍ଥୀମାନେ ଶପଥଗ୍ରହଣ କରିବେ ।

ବଲାଙ୍ଗୀର ଜିଲ୍ଲାରେ ୧୮ଟି ମହାବିଦ୍ୟାଳୟରେ ମତଦାନ ହୋଇଥିବା ବେଳେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ମତଦାନକୁ ବାତିଲ କରାଯାଇଛି । ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନରେ ମତଦାନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି ।

ନୂଆପଡ଼ା ଜିଲ୍ଲାର ୨ଟି କଲେଜରେ ମତଦାନ ହୋଇଥିବା ବେଳେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଏବଂ ନ୍ୟାଶନାଲ୍ କଲେଜ ନୂଆପଡ଼ାଠାରେ ଭୋଟ୍ ଗ୍ରହଣ ଶେଷ ହୋଇଛି ।

## ଧର୍ମେନ୍ଦ୍ରଙ୍କ ପତ୍ର

ରାଜ୍ୟର ବିଭିନ୍ନ ଖଣି ଓ ଶିଳ୍ପାଞ୍ଚଳରେ ଜାତୀୟ ତଥା ରାଜ୍ୟ ରାଜପଥରେ ବେଆଇନ ପରିବହନ ଗାଡ଼ି ପାର୍କିଂ  ଯୋଗୁଁ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପତ୍ର ଲେଖିଛନ୍ତି । ଖଣି କମ୍ପାନୀଗୁଡ଼ିକ ଦ୍ୱାରା ଲଜିଷ୍ଟିକ୍ ଶୃଙ୍ଖଳାର ଅଭାବ ଓ ନିର୍ଦ୍ଦିଷ୍ଟ ପାର୍କିଂ ନଥିବାରୁ ସଡ଼କ ସୁରକ୍ଷା ପ୍ରତି ବିପଦ ଦେଖାଦେଇଛି । ରାଜ୍ୟ ସରକାରଙ୍କ ନିକଟରେ ସିଧାସଳଖ ସାମ୍ବିଧାନିକ ଆଦେଶ ଓ ଦୃଢ଼ ଆଇନଗତ କ୍ଷମତା ରହିଥିବାରୁ ପଦକ୍ଷେପ ଗ୍ରହଣ ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

## ସ୍ୱଚ୍ଛତା ଅଭିଯାନ

ସ୍ୱଚ୍ଛତା ଅଭିଯାନ ୬.୦ ଅବସରରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଆର୍ଥିକ ପରାମର୍ଶଦାତା ଆର୍.କେ. ଜେନା ଆଜି କଟକ ଆକାଶବାଣୀ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଶ୍ରୀ ଜେନା କେନ୍ଦ୍ରର ବିଭିନ୍ନ କାର୍ଯ୍ୟସ୍ଥଳ ଓ ପରିସରର ସ୍ୱଚ୍ଛତା ସ୍ଥିତି ଅନୁଧ୍ୟାନ କରିଥିଲେ । ସୁସ୍ଥ ପରିବେଶ ବଜାୟ ରଖିବା ସହ କାର୍ଯ୍ୟସ୍ଥଳୀକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ସ୍ୱଚ୍ଛତା ଅଭିଯାନରେ ଗୁରୁତ୍ୱ ଦିଆଯାଇଥିବା ଶ୍ରୀ ଜେନା କହିଥିଲେ । ଏହି ଅବସରରେ  ସେ  କେନ୍ଦ୍ର ପରିସରରେ ଚାରା ରୋପଣ

କରିଥିଲେ । କେନ୍ଦ୍ରର ମୁଖ୍ୟ ଯଶୋଦାନନ୍ଦନଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ନବରାତ୍ରୀ ପୂଜାର୍ଚ୍ଚନା

ନବରାତ୍ରିର ପଞ୍ଚମ ଦିବସରେ ଆଜି ବିଭିନ୍ନ ଶକ୍ତି ପୀଠରେ ରୀତିନୀତି ସହ ପୂଜାର୍ଚ୍ଚନା ସାଙ୍ଗକୁ ମାଆଙ୍କ ସ୍କନ୍ଦମାତା ବେଶ ଅନୁଷ୍ଠିତ ହେଉଛି । ଶ୍ରଦ୍ଧାଳୁମାନେ ଭକ୍ତି ଓ ଶ୍ରଦ୍ଧାର ସହିତ ମାଆଙ୍କ ଉପାସନା କରୁଛନ୍ତି । ଶୁଣନ୍ତୁ ଏକ ସ୍ୱତନ୍ତ୍ର ଉପସ୍ଥାପନା :

ସିଂହାସନ ଗତାନିତ୍ୟଂ ପଦ୍ମାଶ୍ରିତ କରଦ୍ୱୟା

ଶୁଭଦାସ୍ତୁ ସଦାଦେବୀ ସ୍କନ୍ଦମାତା ଯଶସ୍ୱିନୀ ।

ନବରାତ୍ରିର ନଅଟି ଦିନରେ ନବଦୁର୍ଗାଙ୍କ ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜାର୍ଚ୍ଚନା କରାଯାଇଥାଏ । ଆଜି ପଞ୍ଚମ ଦିନରେ ପୂଜା ପାଉଛନ୍ତି ମା' ସ୍କନ୍ଦମାତା । ପୁରାଣ ଅନୁସାରେ, ଭଗବାନ ଶିବ ଓ ମା' ପାର୍ବତୀଙ୍କ ପୁତ୍ର କାର୍ତ୍ତିକେୟଙ୍କର ଅନ୍ୟ ନାମ 'ସ୍କନ୍ଦ' । ପରମ ଦୟାମୟୀ ମା ସ୍କନ୍ଦମାତାଙ୍କ ସ୍ୱରୂପ ଅତ୍ୟନ୍ତ କଲ୍ୟାଣକାରୀ । ମାଆ ଚତୁର୍ଭୁଜା ଦୁଇଟି ଭୁଜରେ ପଦ୍ମଫୁଲ ଧାରଣ କରିଥିବା ବେଳେ ଅନ୍ୟ ଏକ ହସ୍ତରେ ପୁତ୍ର ସ୍କନ୍ଦ ଓ ଆଉ ଏକ ହସ୍ତରେ ଭକ୍ତଙ୍କୁ ଆଶୀର୍ବାଦ ଦେଇଥାନ୍ତି । ପଦ୍ମ ଉପରେ ବିରାଜିତ ହୋଇଥିବାରୁ ମାଆଙ୍କୁ ପଦ୍ମାସନା କୁହାଯାଏ । ମୁଖମଣ୍ଡଳରେ ଶାନ୍ତି, ଆଖିରେ କରୁଣା ଓ କୋଳରେ ଶିଶୁ କାର୍ତ୍ତିକେୟଙ୍କୁ ଧରିଥାଆନ୍ତି, ଯାହା ମାଆଙ୍କ ମମତାକୁ ସୂଚାଇଥାଏ । ମାଆଙ୍କ ଆରାଧନା କେବଳ ସାଂସାରିକ

ସୁଖ ସମୃଦ୍ଧି ପାଇଁ ନୁହେଁ, ବରଂ ଜ୍ଞାନ, ବିବେକ ଓ ଆଧ୍ୟାତ୍ମିକ ଉନ୍ନତିର ମାର୍ଗ ପ୍ରଶସ୍ତ କରିଥାଏ । ମାଆ କେବଳ ଶକ୍ତିର ଆଧାର ନୁହଁନ୍ତି, ସେ ସନ୍ତାନର ସବୁଠୁ ସୁରକ୍ଷିତ ଆଶ୍ରୟ । ମାଆ ସ୍କନ୍ଦମାତା ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦିଅନ୍ତୁ ଏତିକି କାମନା ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

# ପୂଜା

ପୁରୀ ଶ୍ରୀମନ୍ଦିରରେ  ସେବାୟତ ସଂପ୍ରଦାୟରେ **ନେତ ପିଲା** ଏକ ସ୍ୱତନ୍ତ୍ର ପର୍ବ ଭାବେ ପାଳନ କରାଯାଉଛି । ଶାରଦୀୟ ଦୁର୍ଗାପୂଜା ଅବସରରେ ପଞ୍ଚମ, ଷଷ୍ଠୀ ଓ ସପ୍ତମୀ ତିଥିରେ ସେବାୟତ କୁଳର କୁମାରୀ କନ୍ୟାମାନେ ପାରମ୍ପରିକ ବେଶ ଓ ସ୍ୱର୍ଣ୍ଣଅଳଙ୍କାରରେ ସଜ୍ଜିତ ହୋଇ ମାର୍କଣ୍ଡେୟ ପୁଷ୍କରିଣୀକୁ ଆସି ହରପାର୍ବତୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ୨୧ ଦିନ ଧରି ବଳିପୂଜା କରୁଥିବା କନ୍ୟାମାନେ ଶେଷ କିଛିଦିନ ପାରମ୍ପରିକ ବେଶରେ ସଜ୍ଜିତ ହୋଇଥାନ୍ତି । ଏହି ସମୟରେ ବଳିଗୀତ ଗାନ କରିବାର ପରମ୍ପରା ରହିଛି ।

# ଛତିଶାନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ନୀତିକାନ୍ତି, ବାଲଭୋଗ ସହ ଅନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଛି । ଏ ସଂପର୍କରେ ସୂଚନା ଦେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଆସନ୍ତା ୨୨ ତାରିଖରୁ

ନଭେମ୍ବର ମାସ ୨୦ ତାରିଖ ପର୍ଯ୍ୟନ୍ତ ଭୋର ୪ଟାରେ ଦ୍ୱାରଫିଟା ଯାଇ ୫ଟାରେ ମଙ୍ଗଳ ଆରତି ଏବଂ ସକାଳ ସାଢ଼େ୬ଟାରୁ ସାଢ଼େ ୭ଟା ମଧ୍ୟରେ ରାଧାଦାମୋଦର ବେଶ ସଂପନ୍ନ ହେବ । ଅନ୍ୟାନ୍ୟ ନୀତି ହେବା ପରେ ପୂର୍ବାହ୍ନ ୧୦ଟାରୁ ସାଢ଼େ୧୦ଟା ମଧ୍ୟରେ ସ୍ୱତନ୍ତ୍ର ବାଲଧୂପ ନୀତି କରାଯିବ । ଏହି ସମୟରେ ଶ୍ରଦ୍ଧାଳୁ ଓ ହବିଷାଳୀଙ୍କ ସୁରକ୍ଷିତ ଦର୍ଶନ ଓ ମହାପ୍ରସାଦ ଉପଲବ୍ଧତା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଆସନ୍ତା ନଭେମ୍ବର ମାସ ୧୬ ତାରିଖରେ ବଡ଼ଠାକୁରଙ୍କ ହରିହର ବେଶ, ୨୧ ତାରିଖରେ ପଞ୍ଚୁକର ପ୍ରଥମ ଦିନରେ ଲକ୍ଷ୍ମୀନାରାୟଣ ବେଶ, ୨୨ରେ ଡାଳିକିଆ, ୨୩ରେ ଲକ୍ଷ୍ମୀନୃସିଂହ ଏବଂ ୨୪ ତାରିଖରେ ରାଜାଧିରାଜ ବେଶ ଅନୁଷ୍ଠିତ ହେବ । ତେବେ ଦ୍ୱାଦଶୀ ତିଥି କ୍ଷୟ ହେଉଥିବାରୁ ଚଳିତବର୍ଷ ପ୍ରଭୁଙ୍କ ବାଙ୍କଚୁଡ଼ା ବେଶ ହେବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ସଂକଳ୍ପ ଯାତ୍ରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରୀ ମୁଖ୍ୟ ଭାବେ ୨୫ ବର୍ଷର ଜନସେବାରୁ ରାଷ୍ଟ୍ରସେବା **ସେତୁ ଶିବିର** ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସାଂସଦ ଅଭିମନ୍ୟୁ ସେଠୀ କାର୍ଯ୍ୟକ୍ରମରେ ଯୋଗଦେଇ ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନେବାକୁ ପରାମର୍ଶ ଦେଇଛନ୍ତି । ଜନସାଧାରଣଙ୍କଠାରୁ ୧୮୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ।

## ପୁନର୍ବାସ ସହାୟତା ଯୋଜନା

ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପୁନର୍ବାସ ସହାୟତା ଯୋଜନା ଅଧୀନରେ ୭ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ନବନିଯୁକ୍ତ କର୍ମଚାରୀଙ୍କୁ ସ୍ୱଚ୍ଛତା, ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟପରାୟଣତାକୁ ପାଥେୟ କରି ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ପ୍ରଗତିରେ ଯୋଗଦାନ ପାଇଁ ଦିଗ୍‌ଦର୍ଶନ ପ୍ରଦାନ କରାଯାଇଛି ।

## କଲାମ-ଜୟନ୍ତୀ

ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମହାନ ବୈଜ୍ଞାନିକ ଓ ବିଶିଷ୍ଟ ଶିକ୍ଷାବିତ୍, ଭାରତ ରତ୍ନ ଡକ୍ଟର ଏ.ପି.ଜେ ଅବଦୁଲ କଲାମଙ୍କର ଆଜି ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି । ଭାରତର ପ୍ରଥମ ସ୍ୱଦେଶୀ ଉପଗ୍ରହ ପ୍ରକ୍ଷେପଣ ଯାନଠାରୁ ଆରମ୍ଭ କରି ମିଶାଇଲ୍ କାର୍ଯ୍ୟକ୍ରମ ଓ ପୋଖରନ ପରମାଣୁ ପରୀକ୍ଷଣରେ ଡକ୍ଟର କଲାମଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା ।

Desk

## ବିଶ୍ୱ ହାତଧୁଆ ଦିବସ

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ହାତଧୁଆର ଗୁରୁତ୍ୱ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଉଛି । ଲୋକଙ୍କ ମଧ୍ୟରେ ହାତ ଧୋଇବା ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ଏହି ଦିବସ ଉତ୍ସାହିତ କରିଥାଏ । ୨୦୦୮ ମସିହାରେ ବିଶ୍ୱ ହାତଧୁଆ ପାର୍ଟନରସିପ୍ ପକ୍ଷରୁ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଦେଶରୁ ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏଥିସହ ଆଜିଠାରୁ ଉତ୍ତର-ପୂର୍ବ ମୌସୁମୀ ବାୟୁ ପ୍ରବେଶ କରିଛି । ଅପରପକ୍ଷରେ ଆଣ୍ଡାମାନ ସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଦୁର୍ବଳ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।